# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**9 June – 2026**

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦେଶ ନିରନ୍ତର ବିକାଶ ପଥରେ ଅଗ୍ରସର ହେଉଛି, କହିଲେ : କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ।
- ମାଲକାନଗିରି ଜିଲ୍ଲାର ମାଥିଲି ଅଞ୍ଚଳରୁ ସୁରକ୍ଷାବାହିନୀ ଜବତ କଲେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓସାମଗ୍ରୀ।
- ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ୍ ବିର୍ସାମୁଣ୍ଡାଙ୍କ ପୁଣ୍ୟତିଥିରେ ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳି।

ଏବଂ

- ରାଜ୍ୟର ଆଗାମୀ ୩ରୁ ୪ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ପାଣିପାଗ ବିଭାଗର ଅନୁମାନ।

# କେନ୍ଦ୍ର ଆଇନମନ୍ତ୍ରୀ ମେଘୱାଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷରେ ଦେଶ ସମସ୍ତ କ୍ଷେତ୍ରରେ ବିକାଶ ଘଟିଛି ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ମେଘୱାଲ କହିଛନ୍ତି, ଦେଶ ବିକଶିତ ଭାରତ ପଥରେ ଅଗ୍ରସର ହେଉଛି। ୨୦୧୪ ମସିହା ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ ଅର୍ଥବରାଦ କମ୍ ରହିବା ସହ ଲକ୍ଷ୍ୟ ପୂରଣ ମଧ୍ୟ କମ୍ ରହୁଥିଲା। ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ୩ଟି କିସ୍ତିରେ ମାତ୍ର ୪୩ ହଜାର ଟଙ୍କା ମିଳୁଥିଲା। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବାପରେ ଏହି ଯୋଜନାର ଗତି ଓ ଅନୁଦାନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। 'ପିଏମ୍ ଆବାସ' ଭାବେ ନାମିତ ଏହି ଯୋଜନାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। 'ପିଏମ୍ ଆବାସ' ଯୋଜନରେ ଜିଓଟ୍ୟାଗିଂ ବ୍ୟବସ୍ଥା କରାଯାଇ ବର୍ତ୍ତମାନ ସୁଦ୍ଧା ଦେଶର ୪ କୋଟି ଗରିବଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ପୂର୍ବର ନିର୍ମଳ ଗ୍ରାମ ଯୋଜନାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱଚ୍ଛ

ଭାରତ ଯୋଜନାକୁ ରୂପାନ୍ତରିତ କରି ଦେଶରେ ୧୦ କୋଟି ଶୌଚାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଥିଲେ। ଏହି ଲକ୍ଷ୍ୟଧାର୍ଯ୍ୟ ସରକାର ୧୨ ବର୍ଷରେ ହାସଲ କରିପାରିଛନ୍ତି।

ବିଜୁଳି ଆଲୁଅରୁ ବଞ୍ଚିତ ଥିବା ୧୮ ହଜାର ଗ୍ରାମକୁ ମାତ୍ର ୧ ହଜାର ଦିନରେ ବିଜୁଳି ସଂଯୋଗ ଦିଆଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର - ଡିବିଟି ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଅର୍ଥରାଶି ପ୍ରଦାନ କରି କେନ୍ଦ୍ର ସରକାର  ୪ ଲକ୍ଷ ୩୧ ହଜାର କୋଟି ଟଙ୍କା ବାଟମାରଣାକୁ ରୋକିପାରିଛନ୍ତି। ପିଏମ୍ କିଷାନ୍ ଯୋଜନାରେ ୧୧ କୋଟି କୃଷକ ଲାଭାନ୍ୱିତ ହୋଇଛନ୍ତି। ଏହି ଯୋଜନା ଅଧିନରେ ୪ ଲକ୍ଷ କୋଟିରୁ ଅଧିକ ଅର୍ଥରାଶି କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଇଛି। ଭିତ୍ତିଭୂମି କ୍ଷେତ୍ରରେ ୨୦୧୪ ମସିହା ପୂର୍ବରୁ ୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହେଉଥିଲା, ଯାହାର ପରିମାଣ ବର୍ତ୍ତମାନ ବୃଦ୍ଧି ପାଇଁ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି।

ରାଷ୍ଟ୍ରର ବିକାଶ, ଶାନ୍ତି ଓ ପରିବେଶକୁ ସ୍ୱଚ୍ଛ ଓ ସନ୍ତୁଳିତ ରଖିବା କ୍ଷେତ୍ରରେ କାର୍ଯ୍ୟ ଓ ଦୂରଦୃଷ୍ଟିକୁ ଗୁରୁତ୍ୱ ଦେଇ ୩୨ରୁ ଅଧିକ ରାଷ୍ଟ୍ର ସେମାନଙ୍କର ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ପ୍ରଦାନ କରିଛନ୍ତି। ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦେଇ ଦେଶର ଲୋକମାନଙ୍କୁ ଯୋଗାଭ୍ୟାସ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ

ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକୁ ସ୍ୱୀକୃତି ଦେଇ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ବିଶ୍ୱ ପାଳନ କରୁଛି, ଯାହା ଆମପାଇଁ ଗର୍ବର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ମେଘୱାଲ କହିଛନ୍ତି।

ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି –

-V/o-

ମାଲକାନଗିରି ଜିଲାର ମାଥିଲି ଗ୍ରାମ ଅନ୍ତର୍ଗତ କିରିମିଟି ଓ କଟୁଆପଦର ଗ୍ରାମ ଜଙ୍ଗଲରେ ମାଓବାଦୀମାନେ ମାଟିତଳେ ରଖିଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷାକର୍ମୀମାନେ ଜବତ କରିଛନ୍ତି। ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ପଚରାଉଚରା ବେଳେ ଏହି ଅସ୍ତ୍ରଭଣ୍ଡାର ସମ୍ପର୍କରେ ସୂଚନା ପାଇ ଆଜି VDF ଏବଂ BSF ପକ୍ଷରୁ ତଲାସୀ ଅଭିଯାନ କରାଯାଇଥିଲା। ସୁରକ୍ଷାକର୍ମୀମାନେ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ସମେତ ରାଇଫଲ, ଡେଟୋନେଟର ଏବଂ ମାଓପୁସ୍ତିକା ଜବତ କରିଥିବା ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍. ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

HS

## ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ଝାଡ଼ଖଣ୍ଡ ସମେତ ସାରା ଦେଶ ଆଜି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବିର୍ସା ମୁଣ୍ଡା ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଭଗବାନ ବିର୍ସା ମୁଣ୍ଡା ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଆଦିବାସୀ ସଂପ୍ରଦାୟକୁ ଏକତ୍ର କରି ସାଂସ୍କୃତିକ ଐତିହ୍ୟ ଓ ଅଧିକାରର ସୁରକ୍ଷା ପାଇଁ ଭଗବାନ ବିର୍ସାମୁଣ୍ଡାଙ୍କ ଅବଦାନ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି। ଭଗବାନ ବିର୍ସାମୁଣ୍ଡାଙ୍କ ପୁଣ୍ୟତିଥିରେ ସମାଜର ସବୁବର୍ଗର ଲୋକମାନେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ଭଗବାନ ବିର୍ସା ମୁଣ୍ଡାଙ୍କ' ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ପ୍ରତ୍ୟେକଟି ପିଢ଼ୀକୁ ଦେଶପ୍ରେମର ବାର୍ତ୍ତା ଦେଉଥିବ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ନ୍ୟାୟ, ସମ୍ମାନ ଓ ଆଦିବାସୀ ସମୁଦାୟର ଅଧିକାର ପାଇଁ ବିର୍ସାମୁଣ୍ଡାଙ୍କ ଅଦମ୍ୟ ସଂଘର୍ଷ ଆଜି ମଧ୍ୟ ପରବର୍ତ୍ତୀ ପୀଢ଼ୀମାନଙ୍କୁ ପ୍ରେରଣା ଦେଇଆସୁଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଜନଜାତି ଜନନାୟକ ଧରତୀ ଆବା ଭଗବାନ୍ ବିର୍ସାମୁଣ୍ଡାଙ୍କ ଆଦର୍ଶ ଜନଜାତି ସମ୍ପ୍ରଦାୟଙ୍କ ସହିତ ଦେଶର ଯୁବପୀଢ଼ୀଙ୍କ ପାଇଁ ଗର୍ବ ଓ ପ୍ରେରଣାର ଉତ୍ସ।

ଓଡ଼ିଶା ବିଧାନସଭା ପରିସରରେ ଭଗବାନ୍ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିଥିଲେ।

HS

## ନନ୍ଦିନୀଙ୍କୁ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଓଡ଼ିଶାର ବିକାଶରେ ନନ୍ଦିନୀ ଶତପଥୀଙ୍କ ଅବଦାନ ଅତୁଳନୀୟ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ

ଗଣମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏବଂ ଭଗବାନ୍ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

HS

## ରାଜ୍ୟସଭା ପ୍ରାର୍ଥିପତ୍ର

ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ନାମାଙ୍କନପତ୍ର କାଏମ୍ ରହିଛି । ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ଦାଖଲ ହୋଇଥିବା ୪ ସେଟ୍ ନାମାଙ୍କନପତ୍ର କାଏମ୍ ରହିଥିବା ସୂଚନା ମିଳିଛି ।

Boudh

## ମଡେଲ ସୋଲାର ଭିଲେଜ୍

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବୌଦ୍ଧ ଜିଲ୍ଲାରେ ସୌରଶକ୍ତିର ବ୍ୟାପକ ପ୍ରସାର ଏବଂ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ "ମଡେଲ୍ ସୋଲାର ଭିଲେଜ୍" ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ଶ୍ରେଷ୍ଠ ୧୦ଟି ଗ୍ରାମକୁ ଚିହ୍ନଟ କରାଯାଇଛି । ଆଗାମୀ ୬ ମାସ ମଧ୍ୟରେ ଗ୍ରାମଗୁଡ଼ିକ ମଧ୍ୟରୁ ସର୍ବୋତ୍କୃଷ୍ଟ

ପ୍ରଦର୍ଶନ କରୁଥିବା ଗ୍ରାମକୁ "ମଡେଲ୍ ସୋଲାର ଭିଲେଜ୍" ଭାବେ ଚୟନ କରାଯାଇ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

Ganjam

## ଏସ୍ଆଇଆର୍ ସଚେତନତା

ଗଞ୍ଜାମ ଜିଲାର ଗୋପାଳପୁର ବେଳାଭୂମିରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ସଚେତନତା ସହ "ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ" କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାରଙ୍କ ସମେତ ଜିଲାପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅଂଶଗ୍ରହଣକାରୀମାନେ ବେଳାଭୂମି ପରିସରରୁ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ଆବର୍ଜନା ସଂଗ୍ରହ କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ଏହି ଅବସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏସ୍ଆଇଆର୍ ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ବିଏଲ୍ଓ'ଙ୍କ ସମେତ ECI-NET ଆପ୍ କିମ୍ବା ଟୋଲ ଫ୍ରି ନମ୍ବର ୧୯୫୦ର ସାହାଯ୍ୟ ନେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା ।

## ନାଗରିକ ସମ୍ପର୍କ ଅଭିଯାନ

ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆଜିଠାରୁ ଆରମ୍ଭ ହେଉଛି । ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକକୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ । ଏଥିରେ ସଚେତନତା ଶୋଭାଯାତ୍ରା, ୱାର୍ଡ଼ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ ଆଦି ବିଭିନ୍ନ ନାଗରିକକୈନ୍ଦ୍ରିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

Ganjam

## କବାଡ଼ି ଚାମ୍ପିଆନ୍‌ସିପ୍

ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ କବାଡି ଚାମ୍ପିଆନସିପ୍‌ର ସେମିଫାଇନାଲ ଆୟୋଜିତ ହୋଇଛି। ସେମିଫାଇନାଲ୍‌ରେ ଉଭୟ ଅନ୍ତଃ୧୬ବର୍ଷୀୟ ବାଳକ ଓ ବାଳିକା ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ୪ଟି ଜୋନ୍‌ରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ବ୍ରହ୍ମପୁର ଜୋନ୍ ବାଳକ ବର୍ଗରେ ସୁନ୍ଦରଗଡ଼, ବାଲେଶ୍ୱର, ନୟାଗଡ଼ ଓ ଗଞ୍ଜାମ ଦଳ ଏବଂ ବାଳିକା ବର୍ଗରେ ସମ୍ବଲପୁର, ପୁରୀ, ଅନୁଗୋଳ ଓ ଗଞ୍ଜାମ ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେମିଫାଇନାଲ୍‌ର ପ୍ରଥମ ମ୍ୟାଚ୍ ବାଳିକା ବର୍ଗରେ ଗଞ୍ଜାମ ଓ ସମ୍ବଲପୁର ମଧ୍ୟରେ ଏବଂ ଦ୍ୱିତୀୟ

ମ୍ୟାଚ୍ ବାଳକ ବର୍ଗରେ ବାଲେଶ୍ୱର ଓ ନୟାଗଡ଼ ମଧ୍ୟରେ ଖେଳାଯାଇଥିଲା। ଗଞ୍ଜାମ ବାଳିକା ଦଳ ୫୩-୨୪ ପଏଣ୍ଟରେ ବିଜୟୀ ହୋଇଥିଲା।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଲଗାତାର ଭାବେ ବଙ୍ଗୋପସାଗରରୁ ବାଦଲ ଓଡ଼ିଶା ଦେଇ ଅନ୍ୟ ରାଜ୍ୟକୁ ଯାଉଥିବାରୁ, ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇଛି ବୋଲି ପାଣିପାଗ ବିଜ୍ଞାନୀମାନେ ମତପୋଷଣ କରିଛନ୍ତି। ପାଗ ଅନୁକୂଳ ଥିବାରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଓଡ଼ିଶାକୁ ପ୍ରବେଶ କରୁଛି ଏବଂ ଗୁଳୁଗୁଳି ଜାରି ରହିଛି, ଯାହାର ପ୍ରଭାବ ମୌସୁମୀ ବାୟୁକୁ ଅଗ୍ରସର ପାଇଁ ଅଧିକ ପ୍ରୋତ୍ସାହନ ଦେଉଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୧୧ ତାରିଖରୁ ବର୍ଷାର ପରିମାଣ ବଢ଼ିବ ଏବଂ ୧୨ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବ।